# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 15 December - 2024

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀ ଆଜି ଅପରାହ୍ଣରେ ସମ୍ବଲପୁର ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ
- ଆସନ୍ତାକାଲି ଭୁବନେଶ୍ୱରରେ ହେବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ପୂଣ୍ୟତିଥିରେ ଆଜି ଶ୍ରଦ୍ଧାଞ୍ଜଳି ଜଣାଇଲେ ଦେଶବାସୀ

ଏବଂ

- କଟକ ଜବାହରଲାଲ୍ ଇଣ୍ଡୋର-ଷ୍ଟାଡିୟମରେ ଚାଲିଥିବା ବି.ଡବ୍ଲ୍ୟୁଏଫ୍ ସୁପର ୧୦୦ ଓଡ଼ିଶା ମାଷ୍ଟର୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଆଜି ଖେଳାଯିବ ଫାଇନାଲ ମ୍ୟାଚ୍

## ମୁଖ୍ୟମନ୍ତ୍ରୀ ସମ୍ବଲପୁର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସମ୍ବଲପୁର ଜିଲ୍ଲା ଗସ୍ତରେ ଯାଇଛନ୍ତି । ବୁର୍ଲା ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ଲାଟିନମ ଜୁବୁଲି ଉତ୍ସବରେ ଯୋଗ ଦେବେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଉପସ୍ଥିତ ରହିବେ ।  ମୁଖ୍ୟମନ୍ତ୍ରୀ ମନ୍ଦଲିଆ ପଡିଆରେ ବିବିଏସ କ୍ୟାମ୍ପ ଜରିଆରେ ସାରା ରାଜ୍ୟର ହିତାଧିକାରୀଙ୍କୁ ଇ-ରିକ୍ସା ପ୍ରଦାନ କରିବେ । ଏଥିରେ ମୁଖ୍ୟମନ୍ତ୍ରୀ ୩୦ ଟି ଜିଲ୍ଲାର ୫୦୦ ଇ-ରିକ୍ସା ବଣ୍ଟନ କରିବେ । ଯେଉଁଥିରେ ସମ୍ବଲପୁର ଜିଲ୍ଲାର ୧୫ଜଣ, ଗଂଜାମ ଜିଲ୍ଲାର ୩୯ଜଣ, କଟକ ଜିଲ୍ଲାର ୩୬ ଜଣ, ସୁନ୍ଦରଗଡ ଜିଲ୍ଲାର ୨୨ଜଣ, ବାଲେଶ୍ୱର ଜିଲ୍ଲାର ୨୮ଜଣ, ଖୋର୍ଦ୍ଧା ଜିଲ୍ଲାର ୨୬ଜଣ, କେନ୍ଦୁଝର ଜିଲ୍ଲାର ୧୯ଙ୍କ ସମେତ ମୋଟ ୫୦୦ ଜଣଙ୍କୁ ଇ-ରିକ୍ସା ପ୍ରଦାନ କରିବେ । ଏହି କାର୍ଯ୍ୟକ୍ରମରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ରହିବେ । ପରେ ମୁଖ୍ୟମନ୍ତ୍ରୀ ସିନ୍ଦୁରପଙ୍କ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦନ କରି ପୁଣି ରାଜଧାନୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି ।

## ମୁଖ୍ୟମନ୍ତ୍ରୀ- ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ଅନୁଷ୍ଠିତ ହେବ । ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜନଶୁଣାଣି ହେବ । ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅଭିଯୋଗ ଜଣାଇବା ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ ସେହିମାନଙ୍କ ପାଇଁ ଶୁଣାଣି ଅନୁଷ୍ଠିତ ହେବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି ।

## ଅନ୍ୱେଷଣ କାର୍ଯ୍ୟକ୍ରମ

**ପୁରୀ** ଜିଲ୍ଲା ନିମାପଡା ସ୍ଥିତ ଟାଉନହଲ ପରିସରରେ ଆଜି ମଣ୍ଡଳସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉଦଘାଟନ କରିଛନ୍ତି। ଶିକ୍ଷକମାନେ ସମାଜର ଆଦର୍ଶ, ଭବିଷ୍ୟତ ନିର୍ମାତା ଏବଂ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି। କାର୍ଯ୍ୟକ୍ରମର ୧୨ଟି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୩୬ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହିତ ୧୦ ଜଣ ଶିକ୍ଷକଙ୍କୁ ଉପମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ।

# ପିଏମ୍ କିଷାନ ଯୋଜନା

ପିଏମ୍ କିଷାନ ଯୋଜନାର ସ୍ୱତନ୍ତ୍ର ଅଭିଯାନର ଅବଧିକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସମସ୍ତ ବର୍ଗର ଭୂମିଧାରୀ ଚାଷୀଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରାଯାଉଛି। ପିଏମ୍ କିଷାନ ଯୋଜନାରେ ପଞ୍ଜୀକୃତ ଥାଇ ମଧ୍ୟ ସହାୟତା ରାଶି ପାଇବାରୁ ବଞ୍ଚିତ ହେଉଥିବା ହିତାଧିକାରୀମାନଙ୍କୁ ନିଜ ବ୍ୟାଙ୍କ ଏକାଉଣ୍ଟ ସହିତ ଏନ୍.ପି.ସି.ଆଇ. ଅଧୀନରେ ଆଧାର ଲିଙ୍କ୍ କରିବା, ଜମିଜମା ସମ୍ବନ୍ଧୀୟ ତଥ୍ୟ **କୃଷକ ଓଡ଼ିଶା ପୋର୍ଟାଲ**ରେ ଅପ୍‌ଡେଟ୍ କରିବା ତଥା **ପିଏମ୍ କିଷାନ ଡଟ୍ ଜିଓଭି ଡଟ୍ ଇନ୍** ପୋର୍ଟାଲ୍‌ରେ ଇ-କେୱାଇସି ସଂପୂର୍ଣ୍ଣ

କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିପାଇଁ ହେଲ୍‌ପ୍ ଲାଇନ୍ ନମ୍ବର ୧୫୫-୩୩୩ ଜାରି କରାଯାଇଛି।

## ଧାନକିଣା ପ୍ରସଙ୍ଗ

ଚଳିତ ଖରିଫ ଋତୁରେ ଧାନକ୍ରୟ ପ୍ରକିୟାକୁ ଅଧିକ ସୁସଂହତ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ କେତେକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ବାହାର ରାଜ୍ୟର ଧାନ ବୋଝେଇ ଗାଡିଗୁଡିକର ଅନୁପ୍ରବେଶକୁ ରୋକିବା ଲାଗି ସୀମାନ୍ତ ଅଞ୍ଚଳରେ ୪୦ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ମୁତୟନ କରାଯାଇଛି । ସୀମାନ୍ତ ଜିଲ୍ଲାଗୁଡିକରେ ଏ ନେଇ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଧାନ ସଂଗ୍ରହ ପ୍ରକ୍ରିୟାରେ କୌଣସି ପ୍ରକାର ଅନିୟମିତତା ଅଭିଯୋଗ ନେଇ ଜିଲ୍ଲା ପ୍ରଶାସନକୁ ତୁରନ୍ତ ଜଣାଇବାକୁ ପରାମର୍ଶ ଦିଆଯାଇଛି ।

## କିରୋସିନ୍ ଆବଣ୍ଟନ

କେନ୍ଦ୍ର ସରକାର ଅକ୍ଟୋବର ମାସରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ଓଡ଼ିଶାକୁ ୪ ହଜାର ୯୪୯ କିଲୋ ଲିଟର କିରୋସିନ୍ ଆବଣ୍ଟନ କରିଛନ୍ତି। ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନଙ୍କୁ ଆବଶ୍ୟକ ଅନୁସାରେ କିରୋସିନ୍ ଯୋଗାଇ ଦିଆଯାଉଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ ତଥ୍ୟ ରଖିଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ମୋଟ ୯୬ ଲକ୍ଷ ୩୮ ହଜାର ୧୦୩ ଜଣ

ହିତାଧିକାରୀଙ୍କୁ ସମାନ ଅନୁପାତରେ ୩ ମାସ ପାଇଁ ଅଧଲିଟର ଲେଖାଏଁ କିରୋସିନ୍ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

## ଉପମୁଖ୍ୟମନ୍ତ୍ରୀ ବାଲିମେଳା ଗସ୍ତ

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଆଜି ମାଲକାନଗିରି ଜିଲ୍ଲା ବାଲିମେଳାଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବାଲିମେଳା ସହରର ଗୋପବନ୍ଧୁ ଛକ ନିକଟରେ ଦଳୀୟ କର୍ମକର୍ତ୍ତାଙ୍କ ସହ ପଦଯାତ୍ରା କରିଥିଲେ। ଉପମୁଖ୍ୟମନ୍ତ୍ରୀ ତାଙ୍କ ଗସ୍ତ ସମୟରେ ଏକ ନୂତନ ଛାତ୍ରାବାସର ଉଦ୍‌ଘାଟନ କରିଥିଲେ।  ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ମାଲକାନଗିରି ଜିଲ୍ଲା ବିଧାୟକ ନରସିଂହ ମାଡକାମୀ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ  ଉପମୁଖ୍ୟମନ୍ତ୍ରୀ ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ର ପରିଦର୍ଶନ କରି ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

## ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପୁଣ୍ୟତିଥି ଅବସରରେ କୃତଜ୍ଞ ରାଷ୍ଟ୍ର ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। ଏହି ଅବସରରେ ଦେଶର ବିଭିନ୍ନ ଭାଗରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ସର୍ଦ୍ଦାର ପଟେଲ ଦେଶର ପ୍ରଥମ ଉପପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ୧୯୯୧ ମସିହାରେ ତାଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ମୋଦୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ଦେଶର ଲୌହପୁରୁଷଙ୍କ ବ୍ୟକ୍ତିତ୍ୱ, କୃତିତ୍ୱ ଦେଶର ଏକତା, ଅଖଣ୍ଡତା ଓ ବିକଶିତ ଭାରତର ସଂକଳ୍ପ ପୂରଣ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।

**ରାଜ୍ୟପାଳ** ରଘୁବର ଦାସ ମଧ୍ୟ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ରାଜ୍ୟପାଳ କହିଛନ୍ତି, 'ଏକ ଭାରତ-ଶ୍ରେଷ୍ଠ ଭାରତ'ର ପରିକଳ୍ପନା ସହିତ ଭାରତକୁ ଏକତା ସୂତ୍ରରେ ଲୌହ ପୁରୁଷ, ଭାରତ ରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବାନ୍ଧି ରଖିଥିଲେ।

ଦେଶର ଅଖଣ୍ଡତା ଏବଂ ଦେଶବାସୀଙ୍କ ମନରେ ଏକତା ଭାବକୁ ସୁଦୃଢ଼ କରିବାରେ ବଲ୍ଲଭ ଭାଇ ପଟେଲଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି।

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅଦ୍ଭୁତ ନେତୃତ୍ୱ, କୂଟନୈତିକ ଦକ୍ଷତା ଓ ଦୃଢ଼ ସଂକଳ୍ପ ଦେଶକୁ ଏକ ସଶକ୍ତ ଓ ସଂଗଠିତ ରାଷ୍ଟ୍ରର ରୂପ ଦେଇଥିଲା ବୋଲି **କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

## 'ମୋ ବସ୍'ରେ ଅଗ୍ନିକାଣ୍ଡ

**କଟକ** 'ମୋ ବସ୍'ରେ ଅଗ୍ନିକାଣ୍ଡ ଘଟଣାର ତଦନ୍ତ ପରିବହନ ବିଭାଗ ଡେପୁଟି କମିଶନରଙ୍କ ନେତୃତ୍ୱରେ ଗଠିତ ଏକ କମିଟି କରିବ ବୋଲି

ପରିବହନ ସଂସ୍ଥା-କ୍ରୁଟ୍ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ଗତକାଲି ମଧୁପାଟଣା ଥାନା ଲିଙ୍କରୋଡ୍ ଛକରେ ମୋ ବସ୍‌ରେ ନିଆଁ ଲାଗିଥିଲା।

## ଭିତର କନିକା କୁମ୍ଭୀର ଗଣନା

ଭିତର କନିକା ଜାତୀୟ ଉଦ୍ୟାନରେ ଆସନ୍ତା ଜାନୁୟାରୀ ୧୪ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ କୁମ୍ଭୀର ଗଣନା କରାଯିବ। ଏଥିଲାଗି ପର୍ଯ୍ୟଟକଙ୍କ ଲାଗି ଜାତୀୟ ଉଦ୍ୟାନ ବନ୍ଦ ରହିବ ବୋଲି  ଜଣାପଡିଛି।

## ଗଞ୍ଜେଇ ଗଛ ନଷ୍ଟ

**ନବରଙ୍ଗପୁର** ଜିଲ୍ଲା କୁନ୍ଦେଇ ଥାନ ଅଧୀନ କାଉଡଳା ପଞ୍ଚାୟତର ଖାଲେପାରା ଓ ପକନାଗୁଡ଼ା ଗ୍ରାମରେ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଞ୍ଚଳର କେତେକ ସ୍ଥାନରେ ଗଞ୍ଜେଇ ଚାଷ ହୋଇଥିବା ଖବର ପାଇ ଜିଲା ପୋଲିସ, ରାଜସ୍ୱ, ବନବିଭାଗର ଏକ ସ୍ୱତନ୍ତ୍ର ଟିମ୍ କୁନ୍ଦେଇ ଥାନା ଅଧୀନ ଖାଲେପାରା ଓ ପକନାଗୁଡ଼ା ଗ୍ରାମରେ ଚଢ଼ାଉ କରି ଗଞ୍ଜେଇ ଗଛ ନଷ୍ଟ କରିଥିଲେ।

## ମାଲ୍ୟବନ୍ତ ମହୋତ୍ସବ

**ମାଲକାନଗିରି** ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ସହିତ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା  ପାଇଁ ମାଲ୍ୟବନ୍ତ ମହୋତ୍ସବ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ କହିଛନ୍ତି। ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଗତକାଲି ଲାଭଣି, ପୁରୁଲିଆର ଛଉ, ସମ୍ବଲପୁରୀ, ମାଲଖମ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ମା’ ବିରଜା ହାଟ

**ଯାଜପୁର** ଜିଲ୍ଲାର ବହୁ ପୁରାତନ ମା’ ବିରଜା ହାଟ ୧୧ ମାସ ପରେ ପୁରୁଣା ସ୍ଥାନକୁ ଫେରିଛି । ପାଖାପାଖି ୨୦୦ ରୁ ଉର୍ଦ୍ଧ୍ୱ ଚାଷୀ ଓ ବ୍ୟବସାୟୀ ହାଟରେ ବସି ବ୍ୟବସାୟ ଆରମ୍ଭ କରିଛନ୍ତି। ବିରଜା ମନ୍ଦିର ପ୍ରକଳ୍ପ ଲାଗି ଶହ ଶହ ବର୍ଷର ପୁରୁଣା ବିରଜା ହାଟକୁ ହଟାଇ ଦେଇ ସନ୍ତୁମାଧବ ଅଂଚଳରେ ନୂଆ ହାଟ ବସାଯାଇଥିଲା। ପରେ ଯାଜପୁର ଜିଲ୍ଲାପାଳ ଆଲୋଚନା ମାଧ୍ୟମରେ ହାଟ ପୁରୁଣା ସ୍ଥାନକୁ ଆଜି ଫେରିବା ଲାଗି ନିଷ୍ପତ୍ତି ନେଇଥିଲେ।

## ଟ୍ରେନ୍‌ରେ କଟି ମୃତ୍ୟୁ

**ଗଞ୍ଜାମ** ଜିଲ୍ଲା ଚିକିଟି ବ୍ଲକ ପିତାତଳି ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଦୁଇ ଜଣ ମହିଳା ସୁରଳ ରେଳଷ୍ଟେସନରେ ଟ୍ରେନରେ ଚଢୁଥିବାବେଳେ ଭାରସାମ୍ୟ ହରାଇ ଖସି ପଡ଼ିବା ଯୋଗୁଁ ମୃତ୍ୟୁ ଘଟିଛି। ଉଭୟ ମହିଳା ଜଗନ୍ନାଥପୁର ସ୍କୁଲର ପାଚିକା ସହାୟିକା ଭାବେ କାର୍ଯ୍ୟ କରୁଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି।

## ବ୍ୟାଡମିଣ୍ଟନ

**କଟକ** ଜବାହରଲାଲ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ବିଡବ୍ଲ୍ୟୁଏଫ-ଟୁର୍ ସୁପର-୧୦୦ ଓଡିଶା ମାଷ୍ଟର୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଫାଇନାଲ ପର୍ଯ୍ୟାୟ ମୁକାବିଲା ଆଜି ଅନୁଷ୍ଠିତ ହେବ । ପୁରୁଷ ଏକକ ବର୍ଗରେ ଭାରତର ସଞ୍ଜୀବ ସତୀଶ କୁମାର ଏବଂ ମହିଳା ଏକକ ବର୍ଗରେ ତନ୍‌ଭି ଶର୍ମା ଫାଇନାଲ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ଅନ୍ୟ ପକ୍ଷରେ ପୁରୁଷ ଡବଲ୍ସ

ଏବଂ ମହିଳା ଡବଲ୍ସ ପକ୍ଷରେ ଭାରତୀୟ ଖେଳାଳି ସେମିଫାଇନାଲ ପର୍ଯ୍ୟାୟରେ ପରାଜିତ ହୋଇଛନ୍ତି । ଆଜିର ଫାଇନାଲ ମ୍ୟାଚ ପରେ ସନ୍ଧ୍ୟାରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି ।

## ଶୀତ

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗତ କିଛି ଦିନ ଧରି ସର୍ବନିମ୍ନ ତାପମାତ୍ରାରେ ହ୍ରାସ ପାଉଛି । ଫଳରେ ଶୀତର ପ୍ରକୋପ ବୃଦ୍ଧି ପାଇଛି । ଏହି ପରିସ୍ଥିତି ଆଗାମୀ ତିନିଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ଶୀତ ଲହରି ନେଇ ଆସନ୍ତା ୨୪ଘଣ୍ଟା ପର୍ଯ୍ୟନ୍ତ ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ଆସନ୍ତାକାଲିଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ଅନୁଗୁଳ ଜିଲ୍ଲା ପାଇଁ ହାଲୁକାରୁ ମଧ୍ୟମ ଧରଣର କୁହୁଡି ପଡିବାର ସମ୍ଭାବନା ରହିଛି ।

ସୂଚନା ଅନୁସାରେ ଗତକାଲି ୩୩ଟି ସହରରେ ସର୍ବନିମ୍ନ ତାପମାତ୍ରା ୧୫ଡିଗ୍ରୀ ସେଲସିୟସ ତଳେ ରହିଥିଲା । ଜି. ଉଦୟଗିରିରେ ରାତି ତାପମାତ୍ରା ୫ଦଶମିକ ୨ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିଲା ।

********************************